# ପାକଶାଳା ବଗିଚା କରିବେ କିପରି

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜଣେ ପ୍ରତିଦିନ ୪୦୦ ଗ୍ରାମ ପରିବା ଖାଇବା ଉଚିତ । ଅତିକମରେ ୨୫୦-୩୦୦ ଗ୍ରାମ ତଟକା ପନିପରିବା ଖାଇଲେ ଆମର ଶରୀର ସୁଷମ ଖାଦ୍ୟ ପାଏ । ବର୍ତ୍ତମାନ ଦେଖାଯାଉଛି ବଜାରରୁ ଆମେ ଶାଗଜାତୀୟ ଓ ଅନ୍ୟାନ୍ୟ ପନିପରିବା କିଣୁଛେ ଯାହା ତଟକା ନଥାଏ । ଏବଂ ଏଥିରେ ମାତ୍ରାଧିକ ରାସାୟନିକ କୀଟନାଶକ ବ୍ୟବହାର କରାଯାଇଥାଏ ତେଣୁ ଏହାର ଗୁଣାତ୍ମକ ମାନ କମିଯାଇଥାଏ । ପ୍ରତିଦିନ ନିଜ ପରିବାରର ପନିପରିବା ଚାହିଦା ମେଣ୍ଟାଇବା ପାଇଁ ଘରର ବାଡ଼ିରେ ପନିପରିବା ଚାଷ କରିବା ଉଚିତ୍ । ଘର ଓ ବାଡ଼ି ପଛପଟେ ବା ଆଗପଟେ ଯେଉଁ ବଗିଚା କରାଯାଏ ତାହାକୁ ପାକଶାଳା ବଗିଚା କୁହାଯାଏ ।

## ପାକଶାଳା ବଗିଚାର ଆବଶ୍ୟକତା


- ପରିବାର ଲାଗି ତଟକା ପନିପରିବା ପାକଶାଳା ବଗିଚା ହିଁ ଯୋଗାଇବାରେ ସହାୟକ ହୋଇଥାଏ ।
- ଗୃହର ପନିପରିବା ଖର୍ଚ୍ଚ କମାଇବା ପାଇଁ ପାକଶାଳା ବଗିଚା ସାହାଯ୍ୟ କରେ ।
- ପାକଶାଳା ବଗିଚାରେ ପରିବାରର ସମସ୍ତ ଲୋକ ଶାରୀରିକ ଶ୍ରମ କରିବାର ସୁଯୋଗ ପାଆନ୍ତି ତେଣୁ ସେମାନଙ୍କର ସ୍ୱାସ୍ଥ୍ୟ ଭଲ ରହେ ।
- ପିଲାମାନଙ୍କୁ ବଗିଚା କାମ କରିବାକୁ ପ୍ରୋତ୍ସାହନ ମିଳିଥାଏ ଓ ସେମାନେ କୃଷି ସମ୍ବନ୍ଧୀୟ ଜ୍ଞାନ ଶିକ୍ଷା ପାଆନ୍ତି ।
- ଗୃହର ଆବର୍ଜନା ଓ ବ୍ୟବହାର କରୁଥିବା ଜଳ ପାକଶାଳାର ବିକାଶରେ ନିଶ୍ଚିତ ଭାବରେ ସାହାଯ୍ୟ କରେ । ଏହା ଦ୍ୱାରା waste recycling ମଧ୍ୟ ହୋଇଥାଏ ।
- ପାକଶାଳା ବଗିଚାରେ ପ୍ରଥମେ ପରୀକ୍ଷାମୂଳକ ଭାବରେ ନୂଆ ନୂଆ ପନିପରିବା ଚାଷ କରାଯାଇ ବଡ଼ ଆକାରରେ କ୍ଷେତରେ କରାଯାଏ ।
- ଦେଶର ସମୂହ ଭାବରେ ପୁଷ୍ଟିକର ଖାଦ୍ୟ ବୃଦ୍ଧି ଘଟାଇବାରେ ପାକଶାଳା ବଗିଚା ଏକ ଗୁରୁତ୍ୱପୂର୍ଣ୍ଣ ଉପାୟ ଓ ଆଧାର ।
- ଏହାଛଡ଼ା ଅବସର ବିନୋଦନ, ଘରର ସୌନ୍ଦର୍ଯ୍ୟ ବର୍ଦ୍ଧନ ଓ ସନ୍ଧ୍ୟା ସମୟରେ ବଗିଚାରେ ବୁଲାଚଲା କରିବା ଦ୍ୱାରା ନିର୍ମଳ ବାୟୁ ସେବନ ହୋଇଥାଏ ।
- ପାକଶାଳା ବଗିଚା ହେଉଛି ଏକ ସଘନ ଚାଷ ବା Intensive cultivation ଯୋଜନା ତେଣୁ ବଗିଚା କରିବା ପାଇଁ ପ୍ରତ୍ୟେକ ଲୋକର ପନିପରିବା ଫସଲ ବିଷୟରେ ଜ୍ଞାନ ଥିବା ଆବଶ୍ୟକ ।

**କୃଷି ବିଜ୍ଞାନ କେନ୍ଦ୍ର, ଗଜପତି**

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ପାକଶାଳା ବଗିଚାର ଫସଲ ପର୍ଯ୍ୟାୟ

ଆପଣମାନେ ୨୦୦ ବର୍ଗମିଟର ଜାଗାରେ ୩.୫ ମିଟର x ୨.୫ ମିଟରର ୧୨ଗୋଟି ପଟାଳିମାନ କରି ବର୍ଷସାରା ପନିପରିବା କରିପାରିବେ ତାହାର ଏକ ନମୂନା ନିମ୍ନରେ ଦିଆଗଲା




ସ - ସଜନା　　କେ - କେମ୍ବୁ　　ଅ - ଅମୃତଭଣ୍ଡା

କ - କଦଳୀ　　ଭୃ - ଭୃଙ୍ଗରାଜ ଗଛ　　ଲ - ଲତା ଜାତୀୟ ପରିବା

ପଟାଳୀ-୧ : ବାଇଗଣ (ଅଗଷ୍ଟ-ମାର୍ଚ୍ଚ), ଶାଗ (ମାର୍ଚ୍ଚ, ମଇ)

ପଟାଳୀ-୨ : ଝୁଡ଼ଙ୍ଗ (ଜୁନ୍-ସେପ୍ଟେମ୍ବର), ବନ୍ଧାକୋବି (ଅକ୍ଟୋବର-ଫେବୃୟାରୀ), କଲରା (ମାର୍ଚ୍ଚ-ମଇ)

ପଟାଳୀ-୩ : ଟମାଟୋ (ଜୁଲାଇ-ନଭେମ୍ବର), ଫରାସୀ ଶିମ୍ବ (ଡିସେମ୍ବର-ଫେବୃୟାରୀ),
ଲେଉଟିଆ (ମାର୍ଚ୍ଚ-ଜୁନ୍)

ପଟାଳୀ-୪ : କାକୁଡ଼ି (ଜୁନ୍-ଅକ୍ଟୋବର), ଗାଜର (ନଭେମ୍ବର-ଜାନୁଆରୀ), ଲଙ୍କା (ଫେବୃୟାରୀ-ମଇ)

ପଟାଳୀ-୫: କଖାରୁ (ମଇ-ସେପ୍ଟେମ୍ବର), ଫୁଲକୋବି (ଅକ୍ଟୋବର-ଜାନୁୟାରୀ),
କଲରା (ଫେବୃୟାରୀ-ଅପ୍ରେଲ)

ପଟାଳୀ-୬: ଭେଣ୍ଡି (ମଇ-ସେପ୍ଟେମ୍ବର), ମଟର (ଅକ୍ଟୋବର-ଫେବୃୟାରୀ), ଶାଗ (ମାର୍ଚ୍ଚ-ମଇ)

ପଟାଳୀ-୭ : ତରଭୁଜ (ମାର୍ଚ୍ଚ-ମଇ) କାପସିକମ୍ (ଜୁନ୍-ଅକ୍ଟୋବର)
ପିଆଜ (ନଭେମ୍ବର-ଫେବୃଆରୀ)

ପଟାଳୀ-୮ : ବାଇଗଣ (ଜୁନ୍-ସେପ୍ଟେମ୍ବର), ମୂଳା (ଅକ୍ଟୋବର-ଫେବୃୟାରୀ) ଶାଗ (ମାର୍ଚ୍ଚ-ମଇ)

ପଟାଳୀ-୯ : ବୋଇତିକଖାରୁ (ଏପ୍ରିଲ-ଅଗଷ୍ଟ), ଗୁଆଁର (ସେପ୍ଟେମ୍ବର-ଡିସେମ୍ବର),
ଝୁଡ଼ଙ୍ଗ (ଜାନୁୟାରୀ-ମାର୍ଚ୍ଚ)

ପଟାଳୀ-୧୦ : ଖଡ଼ା (ମାର୍ଚ୍ଚ-ମେ), ଝୁଡ଼ଙ୍ଗ (ଜୁନ୍-ସେପ୍ଟେମ୍ବର), ଆଳୁ (ନଭେମ୍ବର-ଫେବୃୟାରୀ)

ପଟାଳୀ-୧୧ : ବାଇଗଣ (ଜୁନ୍-ସେପ୍ଟେମ୍ବର) ମଟର (ଅକ୍ଟୋବର-ଡିସେମ୍ବର), ଟମାଟୋ (ଜାନୁୟାରୀ-ମାର୍ଚ୍ଚ)

ପଟାଳୀ-୧୨ : ଭେଣ୍ଡି (ଜୁନ୍-ସେପ୍ଟେମ୍ବର), ପିଆଜ (ଅକ୍ଟୋବର-ଜାନୁୟାରୀ), ଲଙ୍କା (ଫେବୃୟାରୀ-ମଇ)

ପାକଶାଳା ବଗିଚାର ଆକାର ଓ ପ୍ରକାର ସାଧାରଣତଃ ଘର ପାଖରେ ଥିବା ଖାଲି ଜମି, ଯତ୍ନ ନେବା ପାଇଁ ସମୟ, ଘରର ଚାହିଦା ଉପରେ ନିର୍ଭର କରେ । ଗୋଟିଏ ୫-୬ ଜଣିଆ ପରିବାର ପାଇଁ ପନିପରିବାର ଚାହିଦା ମେଣ୍ଟାଇବା ପାଇଁ ୨୦୦ ବର୍ଗମିଟର ଜମି ଯଥେଷ୍ଟ ହୋଇଥାଏ । ଗାଇ ଗୋରୁ ଙ୍କ ଦାଉରୁ ରକ୍ଷା କରିବାପାଇଁ ବଗିଚା ଚାରିପାଖରେ ଏକ ଶକ୍ତ ବାଡ଼ କରିବା ଉଚିତ୍ । ଗୋଟିଏ ୨୦୦ ମିଟର ଆଦର୍ଶ ପାକଶାଳା ବଗିଚାର ନମୁନା ନିମ୍ନରେ ଦିଆଯାଇଛି ।

- ପାକଶାଳା ବଗିଚା ପାଇଁ ଜମିକୁ ଛୋଟ ଛୋଟ କିଆରୀରେ ବିଭକ୍ତ କରିବା ଦରକାର
- ପ୍ରତ୍ୟେକ ପଟାଳୀ ୩.୫ / ୨.୫ ମିଟର ହେବା ଉଚିତ୍ । ପ୍ରତି ଦୁଇ ପଟାଳୀ ମଧ୍ୟରେ ଜଳସେଚନ ଓ ଜଳ ନିଷ୍କାସନ ପାଇଁ ନାଳୀର ବ୍ୟବସ୍ଥା କରାଯିବା ଉଚିତ୍ ।
- ଗୃହର ପଛପଟ ବାଡ଼ କରି ଅଳ୍ପଦିନିଆ ଗଛ ଯଥା ଅମୃତଭଣ୍ଡା, ସଜନା, ଲେମ୍ବୁ, ପିଜୁଳୀ, କଦଳୀ, ଭୃସୁଙ୍ଗ ଆଦି ଗଛ ଲଗାଯାଇପାରେ ।
- ତିନିପାଖ ବାଡ଼ରେ ଖରା ଓ ବର୍ଷା ଦିନିଆ ଅଳ୍ପ ମାଡୁଥିବା ଲତାଜାତୀୟ ପରିବା ଲଗାଯାଇଥାଏ ଯଥା – କାଙ୍କଡ଼, କୁନ୍ଦୁଡ଼ି, ପୋଟଳ
- କଖାରୁ, ପାଣିକଖାରୁ, ଲାଉ, ଜହ୍ନି, କାକୁଡ଼ି ପରି ଲତାଜାତୀୟ ପରିବାକୁ ପାକଶାଳା ଅନ୍ୟଏକ କୋଣରେ ଲଗାଯିବା ଉଚିତ୍ ।
- ଯେଉଁ ପ୍ରକାର ପନିପରିବାର ବହୁ ଅଂଶ ଖାଦ୍ୟ ରୂପେ ବ୍ୟବହୃତ ହୁଏ ସେହି ପ୍ରକାର ପରିବା ଚାଷ ପ୍ରତି ଅଗ୍ରାଧିକାର ଦେବା ଆବଶ୍ୟକ ।
- ଫସଲକୁ ଧାଡ଼ି ଧାଡ଼ି କରି ଲଗାଯୀବା ଉଚିତ୍ ।
- ପାକଶାଳା ବଗିଚାରେ ପାଶ୍ୱବର୍ତ୍ତୀ ଫସଲ (campaign cropping) ମିଶ୍ରିତ ଫସଲ (Mixed cropping) ପ୍ରଣାଳୀ କରିବା ଉଚିତ୍ । ଉଦାହରଣ ସରୁପ ମୂଳା, ସାଲଗମ, ଗାଜର, ଲେଟିଉସ ପନିପରିବା ସହ ବନ୍ଧାକୋବି, ଟମାଟୋ, ବାଇଗଣ, ମଟର, କଞ୍ଚାଲଙ୍କା ଧାଡ଼ି ମଧ୍ୟରେ ଚାଷ କରାଯାଇ ପାରିବ ।
- ବାଡ଼ ପାଖରେ ମୂଳଜାତୀୟ ଫସଲ ଯଥା ଖମ୍ବଆଳୁ, ଓଲୁଅ, ଆଦି ଲଗାଯାଇ ପାରିବ ।
- ପାକଶାଳା ବଗିଚାରେ ବିଶେଷ କରି ସଙ୍କର ଜାତୀୟ କିସମ ମଞ୍ଜି ବ୍ୟବହାର କରିବା ଉଚିତ୍ ।
- ଗୋଟିଏ କମ୍ପୋଷ୍ଟ ଖତ ବା ଅନ୍ଧାରୁଆ ବା ଛାଇଯାଗାରେ ଗୋଟିଏ କୋଣରେ କରି ଘରର ସବୁଜାକ ଆବର୍ଜନା ପକାଇ ଖତ କରିବେ ।
- ବର୍ତ୍ତମାନ ସହରରେ ଜନସାଧାରଣ ପ୍ଲାଟରେ ବାସ କରୁଛନ୍ତି କିମ୍ବା କୋଠାଘରେ ବାସ କରୁଛନ୍ତି ସେମାନଙ୍କର ବାଡ଼ି ବଗିଚା ପାଇଁ ଯାଗା ନଥିଲେ ମଧ୍ୟ ସେମାନେ ଛାତ ଉପରେ ପାକଶାଳା ବଗିଚା କରିପାରିବେ ।

**କୃଷି ବିଜ୍ଞାନ କେନ୍ଦ୍ର, ଗଜପତି**

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର